ISSN -2583-147X (P), **Vol.- 10, Issue No.II, May 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଓଡ଼ିଆ ତାଳପତ୍ର ପୋଥିରେ 'ଚିତ୍ରପୋଥି' ଏକ ଉପାଦାନ

**ଅପରାଜିତା ମହାରଣା**

**ଚିତ୍ରର ଉତ୍ପତ୍ତି :**

ମନୁଷ୍ୟ ଜଙ୍ଗଲରେ ରହି ଧୀରେ ଧୀରେ ସଭ୍ୟ ଆଡ଼କୁ ଗତି କରିଥିଲା । ଅସଭ୍ୟତାରୁ ସଭ୍ୟ ଆଡ଼କୁ ଗତି କରିବାକୁ ଆଦିମ ମଣିଷକୁ ହଜାର ହଜାର ବର୍ଷ ଲାଗିଯାଇଥିଲା । ଜଙ୍ଗଲରେ ପଶୁମାନଙ୍କ ସହ ଜୀବନକାଳ କାଟୁଥିଲା । ଜୀବନ ବଞ୍ଚେଇବାକୁ ନୀତିଦିନ ଗୋଟିଏ ଗୋଟିଏ ଉପାୟ ଖୋଜୁଥିଲା । ପତ୍ର ପିନ୍ଧୁଥିଲା, କଞ୍ଚାମାଂସ ଖାଉଥିଲା । ନିଆଁର ବ୍ୟବହାର ପରେ ମାଂସକୁ ପୋଡ଼ିକରି ଖାଇବା ଶିଖିଲା । ଏହି କଞ୍ଚା ମାଂସକୁ ପୋଡ଼ିକରି ଖାଦ୍ୟଭାବେ ଗ୍ରହଣ କରି ଶିଖିବା ମଧ ତାକୁ ଶହଶହ ବର୍ଷ ଲାଗିଯାଇଥାଇପାରେ । ସେହିପରି ଭାବେ ଆଦିମ ମଣିଷ ଧୀରେ ଧୀରେ ବଞ୍ଚିବାର କୌଶଳ ଶିଖିଥାଇପାରେ । କିନ୍ତୁ ଆଦିମ ମଣିଷର ଜୀବନଯାପନ ଶୈଳୀ 'ଚିତ୍ର' କି ପ୍ରକାର ବ୍ୟବହାର ହୋଇଥିବା ଉତ୍ପତ୍ତି ତାହାକୁ ଏକ ଅନୁମାନ କରାଯାଇପାରେ । ପ୍ରଥମେ ଆଦିମ ମନୁଷ୍ୟ ଯେତେବେଳେ ଜଙ୍ଗଲକୁ ତା' ସାଥିମାନଙ୍କ ସାଙ୍ଗେ ଶିକାର ପାଇଁ ଯାଇଥିବ ଓ ଜଙ୍ଗଲରେ ବାଟବଣା ହୋଇଥିବ ସେତେବେଳେ ସେ ଯେଉଁ ରାସ୍ତାରେ ଯାଇଥିବ ସେଠାରେ ଏକ ଚିହ୍ନର ସାହାଯ୍ୟ ନେଇଥିବ, ଯାହାକି ସେହି ଆଦିମ ମଣିଷର ସାଥିମାନଙ୍କ ନିମନ୍ତେ ସେହି ସଂକେତ ମାର୍ଗ ଦର୍ଶେଇଥିବା ଅନୁମାନ କରାଯାଇପାରେ । ଯେ ଏହି ରାସ୍ତାରେ ସେ ଅତିକ୍ରମ କରିଛି । ଏହିପରି ଆଦିମ ମଣିଷର ବଞ୍ଚିବାର ବୁଦ୍ଧିକୌଶଳ ଧୀରେଧୀରେ ଉଜ୍ଜୀବିତ ହୋଇଥିବ । ଆଦିମ ମଣିଷ ପରବର୍ତ୍ତୀ ସମୟରେ ଜାଣିଥିବ ବାଲିରେ ଟୀର ଚିହ୍ନ ସଂକେତ ଦେବା ଏହା କ୍ଷଣସ୍ଥାୟୀ । ଏହା ବର୍ଷା, ପବନ, ଦ୍ୱାରା ବାଲିରେ ମିଶିଯାଇଥାଏ । ସେହିପରି ତା'ର ଆବଶ୍ୟକତା ପାଇଁ ସେ ଧୀରେ ଧୀରେ ବସ୍ତୁବାଦୀ ଓ ସର୍ଜନଶୀଳତା ଆଡ଼କୁ କରିଥିବ ଏବଂ ସେହି ନିମନ୍ତେ ସବୁକିଛି ତିଆରି କରିଥାଇ ପାରେ । ମନୁଷ୍ୟର ଖାଦ୍ୟ, ବସ୍ତ୍ର, ବାସଗୃହ ଯେପରି ଆବଶ୍ୟକତା । ସେହିପରି 'ଚିତ୍ର' ମଧ ଏକ ଆବଶ୍ୟକତା ଓ ଏହି ଆବଶ୍ୟକତାରୁ 'ଚିତ୍ର' ଉତ୍ପତ୍ତି ବୋଲି ବିଶ୍ୱାସ କରାଯାଏ ।

ପୁରାତନ କାଳରେ ମନୁଷ୍ୟ ଆଦିମ, ଅମାର୍ଜିତ, ଯାଯାବର ଜୀବନଯାପନ କରୁଥିଲା । ଭାଷାର ବ୍ୟବହାର ଜାଣି ନଥିଲା । ଠାର ଭାଷା ବା ସଂକେତ ଭାଷା ସହିତ ପରିଚିତ ଥିଲା । ଆଦିମ ମଣିଷ ଠାର ଭାଷାରେ ନିଜର ଭାବପ୍ରକାଶ କରିବାରେ ଅସୁବିଧାରେ ସମ୍ମୁଖୀନ ହୋଇଥିବେ ଓ ସେହି ସମୟରେ କିଛି ଆଙ୍କି ଦେଇକି ନିଜର ଭାବକୁ ପ୍ରକାଶ କରିଥିବେ । ତାହାକୁ ପରବର୍ତ୍ତୀ ସମୟରେ ଅଙ୍କା ହୋଇଥିବା ଚିହ୍ନକୁ 'ଚିତ୍ର' ନାମିତ କରାଯାଇପାରେ ।

'ଠାର ଭାଷା'ରେ 'ଠାରୁ' ଥିବା ବ୍ୟକ୍ତି କୌଣସି ଶବ୍ଦ ପ୍ରୟୋଗ କରି ନଥାଏ । 'ଠାରିବା' ସମୟରେ ବ୍ୟକ୍ତିଟି ନିଜର ଅଙ୍ଗ ପ୍ରତ୍ୟଙ୍ଗକୁ ହଲାଇ ବା ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ନିଜର ଭାବଟିକୁ ବ୍ୟକ୍ତ କରିଥାଏ । ମନୁଷ୍ୟ ଆଦିମ ଅଧିବାସୀ ଥିବା ସମୟରେ ପଶୁମାନଙ୍କ ସହିତ ଜଙ୍ଗଲରେ ବସବାସ କରୁଥିଲା, ସେତେବେଳେ ପଶୁମାନଙ୍କ ଗର୍ଜନର ଶବ୍ଦ ତା'ର ଦୃଷ୍ଟିଗୋଚର ହେଇଥିବ ଓ ସେ ପଶୁମାନଙ୍କଠାରୁ ଶବ୍ଦ କହିବା ଶିଖିଥିବ । ପରବର୍ତ୍ତୀ ସମୟରେ ଆଦିମ ମଣିଷଠାରୁ ଥିବାବେଳେ ଶବ୍ଦ ମଧ କରିଥିବ ଓ ଏହି ଶବ୍ଦ ପରବର୍ତ୍ତୀ ସମୟରେ 'ଠାରଭାଷା' ବୋଲି

କୁହାଯାଇଥିବ । 'ଠାର'ରୁ ଠାରଭାଷା ହେବାରେ ହଜାର ହଜାର ବର୍ଷ ଲାଗିଯାଇଥିବ । ସେହିପରି ଆଦିମ ମଣିଷର ଭାଷା ବ୍ୟକ୍ତ କରିବାର ପରବର୍ତ୍ତୀ ସୋପାନରେ 'ଚିହ୍ନ', ସଂକେତ ଛବିର ଆବଶ୍ୟକ ପଡ଼ିଲା । ପରବର୍ତ୍ତୀ ସମୟରେ ଏହାକୁ 'ଚିତ୍ର' କୁହାଯାଇଥିବ । ମନୁଷ୍ୟର ଭାବକୁ ପ୍ରକାଶ କରିଥାଏ ଶବ୍ଦର ସମାହାର ବିଶିଷ୍ଟ ଭାଷା । ଭାବ ଓ ଭାଷାର ମିଶ୍ରିତ ଜୀବନ୍ତରୂପ ହେଉଛି "ଚିତ୍ର' । ଚିତ୍ରଟିଏ ଆଙ୍କିଦେଲେ ମଣିଷର ଚିନ୍ତାଧାରା ସ୍ପଷ୍ଟ ହେଇଯାଏ । ସମ୍ମୁଖରେ ଥିବା ବ୍ୟକ୍ତିର ଭାଷା ଅସ୍ପଷ୍ଟ ଓ ଅବ୍ୟକ୍ତ ହୋଇଥିଲେ ଚିତ୍ର ଦ୍ୱାରା ବ୍ୟକ୍ତ ହୋଇଥାଏ । ପୁରାତନ କାଳରେ ଆଦିମ ମଣିଷ ପାଖରେ ବିସ୍ତୃତ ଶବ୍ଦ ନଥିଲା, ଯାହାକି 'ଚିତ୍ର" ଆଙ୍କିବା ଦ୍ୱାରା ପରିପୂର୍ଣ୍ଣ ହେଉଥିଲା । ଏହିପରି 'ଚିତ୍ର'ର ଆବଶ୍ୟକତା ଧୀରେ ଧୀରେ କ୍ରମଶଃ ଅଗ୍ରଗତି ହେବାକୁ ଲାଗିଲା ।

ଆଗକାଳରେ 'ଚିତ୍ର' ସଦାସର୍ବଦା ସଂକେତ ରୂପେ ବ୍ୟବହୃତ ହେଉଥିଲା । ମନୁଷ୍ୟ ତା'ର ପରବର୍ତ୍ତୀ ପିଢ଼ି ନିମନ୍ତେ କିଛି ଚିତ୍ରକୁ ବାର୍ତ୍ତା ଆକାରରେ ପ୍ରକାଶ କରିଥିବ ଯାହାକି ସେ ସମୟରେ ଜୀବନଶୈଳୀ ଉପରେ ଆଧାରିତ ଥିବ ତାହାକୁ ନେଇ କିଛି ଅଙ୍କା ହୋଇଥିବା ରେଖା କିମ୍ବା ବୃତ୍ତକୁ ସଂରକ୍ଷଣ କରିବାକୁ ଚିନ୍ତା କରିବାକୁ ଯାଇ ଆଦିମ ମଣିଷ ସଂକେତରୁ ଲିଖନ ପ୍ରୟାସ କରିଥାଇପାରେ । ସେହିପରି ଲିଖନ ପ୍ରୟାସ ପାଇଁ ମଧ ଦୀର୍ଘସ୍ଥାୟୀ ଉପାୟ ସେ ଖୋଜିଥିବ । ପତ୍ରରେ ଲେଖା ଆରମ୍ଭ କରିଥିବ । ସେଥିପାଇଁ ଆମେ ବର୍ତ୍ତମାନ କାଗଜରେ ପ୍ରସ୍ତୁତ ଚିଠିକୁ ମ୍ଧ ପତ୍ର ନାମରେ ନାମିତ କରୁ, ଏହି ପତ୍ର ଦୀର୍ଘସ୍ଥାୟୀ ନହୋଇ ସମୟାନୁକ୍ରମେ ନଷ୍ଟ ହୋଇଯାଇଥାଏ । ଧୀରେ ଧୀରେ ଆହୁରି ଦୀର୍ଘସ୍ଥାୟୀ ଉପାୟ ସନ୍ଧାନ କରି ନୂତନ ନୂତନ ବସ୍ତୁର ଆବିର୍ଭାବ କରିଥିଲା । ଯେମିତି କାଠପଟାରେ ଖୋଦେଇ, ପଥରରେ ଖୋଦେଇ, ତମ୍ବା ପଟାରେ, କନା ଓ ରେଶମ ବସ୍ତ୍ରରେ ଲେଖାଲେଖି ହେଇଥିଲା ଓ ଏହି ଯୋଗୁଁ ଅକ୍ଷର ଦୀର୍ଘସ୍ଥାୟୀ ହେଇଥିଲା । ପରବର୍ତ୍ତୀ ସମୟରେ ଆଦିମ ମଣିଷ କାଳକ୍ରମେ ସଭ୍ୟ ଆଡ଼କୁ ଗତି କରିଥିଲା ଓ ଲିପିର ବ୍ୟବହାର କରିଥିଲା । ପୁରାତନ କାଳରେ ମନୁଷ୍ୟମାନେ ବୃକ୍ଷ ଉପରେ ନିଜର ଦୈନନ୍ଦିନ କାର୍ଯ୍ୟ ନିମନ୍ତେ ନିର୍ଭର କରୁଥିଲେ । ଯେମିତିକି ପତ୍ର ପିନ୍ଧୁଥିଲେ, ପତ୍ରରେ କୁଡ଼ିଆ କରି ବସବାସ କରୁଥିଲେ । ପତ୍ରରେ ଖାଦ୍ୟ ଖାଉଥିଲେ । ପତ୍ରର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ କରୁଥିଲେ । ଏହି ପତ୍ରର ପର୍ଯ୍ୟନ୍ତ ବ୍ୟବହୃତ ପତ୍ରକୁ ମନୁଷ୍ୟ ପୋଥି ଆକାରରେ ଗ୍ରହଣ କରିଥିଲା । କାଗଜର ବ୍ୟବହାର ଆରମ୍ଭ ହେବା ପୂର୍ବରୁ ମନୁଷ୍ୟ ପତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲା । ପରବର୍ତ୍ତୀ କାଳରେ ଲିପି ଓ ଚିତ୍ରର ସମନ୍ୱିତରେ ବହୁ ତାଳପତ୍ର ପୋଥି ପ୍ରକାଶ ପାଇଲା ।

**ଚିତ୍ରର ଆବଶ୍ୟକତା :**

ପ୍ରତ୍ୟେକ ସମୟରେ ମନୁଷ୍ୟ ଜୀବନରେ ଚିତ୍ରର ଆବଶ୍ୟକତା ରହିଛି । ଏକ ସାଧାରଣ ଲୋକ ଓ ଏକ ଭିନ୍ନକ୍ଷମ ଲୋକଙ୍କୁ ନେଇ ଏକ ଉଦାହରଣ ଦିଆଯାଇପାରେ । ଗୋଟିଏ ଲୋକ ଅନ୍ୟ ଲୋକଟିକୁ ନିଜର ଭାବକୁ ବ୍ୟକ୍ତ କରିବା ପାଇଁ ଭାଷା ଆବଶ୍ୟକ ହୋଇଥାଏ । ଏହି ଭାଷା କହିବାବେଳେ ଧ୍ୱନି ଉପୁଜିଥାଏ, ଏହି ଧ୍ୱନି ଆମ କର୍ଣ୍ଣ ଦେଇ ଆମ ଚିତ୍ତକୁ ପରାମର୍ଶ ଦେଇଥାଏ ଯେ ଲୋକଟି କ'ଣ କହୁଛି ? ସେହିପରି ଶୁଣିପାରୁ ନଥିବା ବ୍ୟକ୍ତିଙ୍କ ପାଇଁ ଏହା ଜାଣିବା କଷ୍ଟସ୍ମ, ଏହି ସମୟରେ ଚିତ୍ରର ଆବଶ୍ୟକତା ରହିଛି । ଏକ ସାଧାରଣ ଲୋକ ନିକଟରେ ଶାସ୍ତ୍ର, ପୁରାଣ, କାବ୍ୟ ବୁଝିବା ଅତ୍ୟଧିକ କଷ୍ଟସାଧ୍ୟ । 'ଚିତ୍ର' ଏକ ମାଧ୍ୟମ ଯାହାକି ଶାସ୍ତ୍ର, ପୁରାଣ, କାବ୍ୟକୁ ଅତି ସହଜରେ ବୁଝି ହୋଇ ଯାଇଥାଏ । ସାଧାରଣତଃ ପୁରାଣଶାସ୍ତ୍ରକୁ ଆମେ ବିନା ଚିତ୍ର ସାହାଯ୍ୟରେ ଯାହା ବୁଝିଥାଉ ଚିତ୍ର ଦ୍ୱାରା ତାହା ଅଧିକ ସ୍ପଷ୍ଟ ଭାବେ ବୁଝୁ । ସେହିପରି ଏକ ଶିଶୁକୁ ପ୍ରଥମେ ଏକ ଫଳର ନାମ ଶିଖାଯାଏ, କିନ୍ତୁ ଶିଶୁଟି ଫଳ କ'ଣ ଓ ଫଳଟି ଦେଖିବାକୁ କିପରି, ଏସବୁ ପ୍ରଶ୍ନର ଉତ୍ତର ଦେବାପାଇଁ ଗୁରୁଜନମାନେ ଏକ ଫଳର ଚିତ୍ର ଆଙ୍କିଦେଇ ଶିଶୁକୁ ଚିହ୍ନାଇ ଦିଅନ୍ତି ଯେ ଏହା ଏକ 'ଫଳ' ।

"ଚିତ୍ର'ର ଆବଶ୍ୟକତା ବିଭିନ୍ନ କ୍ଷେତ୍ରରେ ରହିଛି । ଶିଶୁଠାରୁ ଗୁରୁଜନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଆବଶ୍ୟକତା ହିଁ 'ଚିତ୍ର' । ଯଦି ଆମେ ଆଧୁନିକ ଯୁଗ ବିଷୟରେ ଆଲୋଚନା କରିବା ତେବେ ଆଉ ଏକ ଉଦାହରଣ ଦିଆଯାଇପାରେ । ଯେତେବେଳେ ଏକ ଲୋକଟିକୁ ପେଟ ଭିତରେ ଏକ ରୋଗ ହୋଇଥାଏ, ସେତେବେଳେ ସେ ଏକ ଡାକ୍ତର ପାଖକୁ ଯାଇଥାଏ ଓ ଡାକ୍ତର ମ୍ଧ ଜାଣିନଥାନ୍ତି ଯେ ରୋଗୀଟିର ପେଟ ରୋଗର କାରଣ କ'ଣ । ଏଥିପାଇଁ ଡାକ୍ତର ରୋଗୀର ପେଟ ଭିତରକୁ ଦେଖିବା ପାଇଁ ରଞ୍ଜନ ରଶ୍ମି (x-ray) ର ବ୍ୟବହାର କରିଥାନ୍ତି । ଏହାପରେ ରୋଗର କାରଣ ଜଣାପଡିଥାଏ । ରୋଗକୁ ଭଲ ଭାବରେ ଜାଣିବା ପାଇଁ

ରଞ୍ଜନ ରଶ୍ମି ଦ୍ୱାରା ପ୍ରସ୍ତୁତ ଛବିର ଦରକାର ପଡ଼ିଥାଏ । ପ୍ରତ୍ୟେକ ଆବଶ୍ୟକତାରୁ ହିଁ ନୂତନ ବସ୍ତୁର ଉତ୍ପତ୍ତି ଘଟିଥାଏ ତାହା ଏଠାରେ ପ୍ରମାଣିତ ।

**ଚିତ୍ରର ବୈଶିଷ୍ଟ୍ୟ :**

କୁହାଯାଏ ଯେ ଯାହା ଚିତ୍ତକୁ ରଞ୍ଜନ କରେ ତାହାହିଁ "ଚିତ୍ର' । ଚିତ୍ତକୁ ରଞ୍ଜନ କରିବା ଅର୍ଥ ହୃଦୟରେ ଆନନ୍ଦାନୁଭବ କରିବା । ଚିତ୍ରରେ ରହିଥିବା ଆନନ୍ଦ ଓ ବ୍ୟକ୍ତ କରିବାର ଯେଉଁ ପିପାସା ସେହି ପଦ୍ଧତି ହିଁ ହେଉଛି 'ଚିତ୍ରକଳା' । ଚିତ୍ରର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି 'ରେଖା' । ପ୍ରଥମେ ରେଖା ଦ୍ୱାରା ଚିତ୍ର ଅଙ୍କାଯାଉଥିଲା । ଚିତ୍ର କଳାକ୍ରମେ କ୍ରମବିକାଶ ଓ ବିବର୍ତ୍ତନ ମଧ୍ୟଦେଇ ଚିତ୍ର 'ଗାର' ବା ରେଖାରୁ ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର କରିଛି । ଏହି ଅଗ୍ରସର ରେଖା ଚିତ୍ର ହେବାକୁ ଶହଶହ ବର୍ଷ ଲାଗିଯାଇଛି । ପରବର୍ତ୍ତୀ ସୋପାନରେ ପ୍ରଶ୍ନ ଆସିପାରେ ଯାହାକି ଚିତ୍ର କାହିଁକି ଓ କିଏ କେଉଁ ଉଦ୍ଦେଶ୍ୟରେ ଆଙ୍କିଥିଲା । ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ରେଖାଚିତ୍ର ଦେଖିବାକୁ କିପରି ଥିଲା ଓ ପୁରାତନ କାଳରେ ରେଖାଚିତ୍ର କେଉଁଠାରେ ଅଙ୍କିତ ହୋଇଛି ତାହା ବର୍ଣ୍ଣନା କରିବା ସେତିକି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ସମୟରେ ପ୍ରାକ୍-ଐତିହାସିକ ଚିତ୍ରକୁ ନିରୀକ୍ଷଣ କଲେ ରେଖାଚିତ୍ର ସମ୍ମୁଖକୁ ଆସିଥାଏ । ପୁରାତନ ମଣିଷ ରେଖାଚିତ୍ରକୁ ପ୍ରାଧାନ୍ୟ ଦେଉଥିବାର ପ୍ରମାଣ ମିଳେ । ଚିତ୍ରକଳାର ପ୍ରଥମ ପରିପ୍ରକାଶ ପ୍ରସ୍ତର ଗୁମ୍ଫାଗାତ୍ରରେ ଯାହାକୁ ମନୁଷ୍ୟ ତାହାର ଶବ୍ଦହୀନ, ଭାଷାହୀନ ରୂପେ ସେ ଗ୍ରହଣ କରିଥିଲା । ଓଡ଼ିଶାର କଳାସଂସ୍କୃତିର ପ୍ରାରମ୍ଭ ପର୍ଯ୍ୟାୟ ଗୁମ୍ଫା ଓ ପର୍ବତ ପ୍ରାକ୍-ଐତିହାସିକ ଚିତ୍ରର ମୂଳ ଜଣାପଡ଼ିଥାଏ ମନୁଷ୍ୟ ତା'ର ଆବଶ୍ୟକତା ଦ୍ୱାରା ଗୁମ୍ଫା କାନ୍ଥ ଓ ସୁଡ଼ଙ୍ଗମାନଙ୍କର ପ୍ରାଚୀନତମ ଲିଖନ ଓ ଚିତ୍ରର ନିଦର୍ଶନ ଦେଖିବାକୁ ମିଳିଥାଏ । ଉଦାହରଣଗୁଡ଼ିକ ହେଉଛି ଓଡ଼ିଶାର ଶୈଳାଶ୍ରୟ ଚିତ୍ର (Rock Shelter Art) ଦେଖିବାକୁ ମିଳିଥାଏ । ସୁନ୍ଦରଗଡ଼ ଜିଲ୍ଲାର ଛେଙ୍ଗା ପାହାଡ଼ର ଚିତ୍ର, ସମ୍ବଲପୁର ଜିଲ୍ଲାର ଲାଣ୍ଡିମାଲ୍, ସୋନପୁରର ପୁଜାଡୁଙ୍ଗୁରି, ମୟୂରଭଞ୍ଜ ଓ କଳାହାଣ୍ଡିରେ ଏହିଭଳି ଚିତ୍ର ଦେଖିବାକୁ ମିଳିଥାଏ ।

**ଓଡ଼ିଶାର ଚିତ୍ରକଳା ଓ ଏହାର ବିଭାଗୀକରଣ :**

ଚିତ୍ରକଳା ହିଁ ମନୁଷ୍ୟର ଭାଷା ବ୍ୟକ୍ତ କରିବାର ପ୍ରଥମ ପରିପ୍ରକାଶ । ପ୍ରାକ୍-ଐତିହାସିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡ଼ିଶାର କଳାସ୍ଥାପତ୍ୟ ଚିତ୍ରକଳା ବିଭିନ୍ନ ମୋଡ଼ଦେଇ ଅଗ୍ରସର ହୋଇଛି । ଓଡ଼ିଶାର ଚିତ୍ରକଳାରେ ପ୍ରାକ୍-ଐତିହାସିକ ଚିତ୍ରକଳାରୁ ଆରମ୍ଭ କରି ଆଧୁନିକ ପାରମ୍ପରିକ ଓ ଲୋକଚିତ୍ରଗୁଡ଼ିକ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ । ଓଡ଼ିଶାର ଚିତ୍ରକଳା କହିଲେ ପ୍ରଥମେ ଆଦିବାସୀ କଳା ପର୍ଯ୍ୟାୟ କରାଯାଉଛି ତାହା କେବଳ କଳାର ପ୍ରାରମ୍ଭ ପର୍ଯ୍ୟାୟ କରାଯାଉଛି ଓ କଳାର ସରଳୀକୃତ ପ୍ରକାଶଭଙ୍ଗୀ । ନଗର ସଭ୍ୟତାଠାରୁ ବହୁ ଦୂରରେ ଘନଅରଣ୍ୟ ମଧ୍ୟରେ ସରଳ, ସ୍ୱଚ୍ଛ, ନିଜର ସ୍ୱତନ୍ତ୍ର କଳାକୁ ବିଭିନ୍ନ ଆଦିବାସୀ ଗୋଷ୍ଠୀ ସମ୍ପ୍ରଦାୟଙ୍କ ଭିତରେ ଏଯାବତ ତିଷ୍ଠିଆସିଛି । ଆଦିବାସୀ ସମ୍ପ୍ରଦାୟ ସାଧାରଣତଃ କଳାପ୍ରିୟ, ଏମାନଙ୍କର ବାସଗୃହ, ବସ୍ତ୍ର ପରିଧାନ, ବାସନକୁସନ, ଅଳଙ୍କାର, ପ୍ରସାଧାନ ସାମଗ୍ରୀ କଳାର ସଂକେତ ବହନ କରେ । ଆଦିବାସୀ ସମ୍ପ୍ରଦାୟର ଏକ ଜନଜାତି ଗୋଷ୍ଠୀଙ୍କର ପ୍ରମୁଖ ଚିତ୍ରକଳାକୁ 'ସଉରା ଚିତ୍ରକଳା' କୁହାଯାଏ । ଏହି ସମ୍ପ୍ରଦାୟ ଓଡ଼ିଶାର ରାୟଗଡ଼ା, ଗଜପତି ସ୍ଥାନମାନଙ୍କରେ ଦେଖାଯାଆନ୍ତି । ଉତ୍କଳ, ବଙ୍ଗ, ବିହାରରେ, ବୌଦ୍ଧ ଜାତକ ଚିତ୍ରାବଳୀ ସହିତ ମନ୍ଦିର ସ୍ଥାପତ୍ୟ କଳାରେ ସାଧିତ ହୋଇଥିଲା । ଓଡ଼ିଶାର ଚିତ୍ରକଳାରେ ମଧ୍ୟ ମୋଗଲ ଚିତ୍ରକଳାର ପ୍ରଭାବ ବହୁଳ ପଡ଼ିଥିବାର ଦେଖାଯାଏ । କାଠପଟା, ତାଳପତ୍ର, କାଗଜ ଇତ୍ୟାଦି ମାଧ୍ୟମରେ ହେଉଥିବା ଉତ୍କଳରେ ଅନେକ ପୋଥିମାନଙ୍କରେ ଚିତ୍ର ପୌରାଣିକ, କାଳ୍ପନିକ ଚରିତ୍ରଗୁଡ଼ିକ ସ୍ଥାନ ଦିଆଯାଇଥିବା ଦେଖିବାକୁ ମିଳିଥାଏ । ଓଡ଼ିଶାର ପାରମ୍ପରିକ ଚିତ୍ରକଳାରେ ଭିତ୍ତିଚିତ୍ର ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିରର ଜଗମୋହନରେ ଥିବା କାଞ୍ଚିକାବେରୀ ଚିତ୍ରଟି ୧୪୯୦ ମସିହାରେ ଉତ୍କୀର୍ଣ୍ଣ ହୋଇଥିବାର ଜଣାପଡ଼େ । ଭିତ୍ତିଚିତ୍ର କହିଲେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାଚିତ୍ରଠାରୁ ଆରମ୍ଭ କରି ଦୀର୍ଘ ୧୮୦୦ ବର୍ଷ ପୂର୍ବରେ ତାଳପତ୍ର ଚିତ୍ର, ଭିତ୍ତିଚିତ୍ର ଓ ପଟ୍ଟଚିତ୍ର ମଧ୍ୟରେ ଓଡ଼ିଶାରେ ଚିତ୍ରକଳା ବିକାଶ ହୋଇଛି ।

ଓଡ଼ିଶାର ଚିତ୍ରକଳା ୨ ପ୍ରକାରର । ପାରମ୍ପରିକ ଚିତ୍ର ଓ ଲୋକଚିତ୍ର ।

**ପାରମ୍ପରିକ ଚିତ୍ର** (ଭିତ୍ତିଚିତ୍ର, ପଟ୍ଟଚିତ୍ର, ପୋଥିଚିତ୍ର)

**ପଟ୍ଟଚିତ୍ର :** ଜଗନ୍ନାଥ, ଗଞ୍ଜାପା, କାଷ୍ଠ ସାମଗ୍ରୀ ମୁଖା ଚିତ୍ର ଇତ୍ୟାଦି

**ପୋଥିଚିତ୍ର :** ତାଳପତ୍ର, କାଗଜପତ୍ର

**ଲୋକଚିତ୍ର** ( ଝୋଟିଚିତା, ମୁରୁଜ, କୁଟେଇଚିତା)

**ଝୋଟିଚିତା :** ଚଟାଣ ଚିତ୍ର, କାନ୍ଥ ଚିତ୍ର

**ମୁରୁଜ :** ଶସ୍ୟ ବର୍ଣ୍ଣ, ଚୂର୍ଣ୍ଣ ବର୍ଣ୍ଣ

**କୁଟେଇଚିତା :** ବେତକଣ୍ଟା ଫୋଡ଼ା, ଛୁଞ୍ଚି ଫୋଡ଼ା

**ପ୍ରାଚୀନ ଓଡ଼ିଆ କାବ୍ୟ ସାହିତ୍ୟରେ ଚିତ୍ରପୋଥି :**

ନବମ-ଦଶମ ଶତାବ୍ଦୀବେଳକୁ ଚିତ୍ରଭାଷାର ଶୈଳୀରେ ରୈଖିକତା ଦେଖାଗଲା ।ପ୍ରାଚୀନ ଚିତ୍ରଗୁଡ଼ିକରେ ରେଖା ପ୍ରାଧାନ୍ୟ ହେଲା । ସେହିପରି ପ୍ରାଚୀନ ତାଳପତ୍ର ପୋଥି ଚିତ୍ରଗୁଡ଼ିକରେ 'ରେଖା' ଥିଲା ପ୍ରଧାନ । ଓଡ଼ିଆ କାବ୍ୟ, ପୁରାଣ ସାହିତ୍ୟରେ ଚିତ୍ରଭାଷାକୁ ରୂପ ଦେବାପାଇଁ ଏକ ମାତ୍ର ଉପାଦାନ ହେଉଛି 'ଚିତ୍ରପୋଥି' । ଓଡ଼ିଆ ସାହିତ୍ୟରେ ପ୍ରଥମ ଚିତ୍ରପୋଥି ଭାବେ ଗୀତଗୋବିନ୍ଦକୁ ଗ୍ରହଣ କରାଯାଇଛି । ଏହା ଶ୍ରୀ ଜୟଦେବଙ୍କ ଦ୍ୱାରା ରଚିତ ହୋଇଥିଲା । ଏହାପରେ ଓଡ଼ିଆ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚିତ୍ରପୋଥିର ରଚନା ହୋଇଛି । ଓଡ଼ିଆ ରୀତିଯୁଗରେ ଚିତ୍ରପୋଥିର ରଚନା ବହୁଳ ଭାବରେ ହୋଇଥିଲା । ଏହି ସମୟରେ କାଳ୍ପନିକ ବିଷୟବସ୍ତୁକୁ ଆଧାର କରି ନାୟକ ନାୟିକାମାନଙ୍କର ପ୍ରେମକାହାଣୀ ରଚିତ ହେଉଥିଲା । କିଛି ରଚୟିତା ରାଧାକୃଷ୍ଣଙ୍କୁ ଆଧାର କରି ବିଷୟବସ୍ତୁ ରଚନା କରୁଥିଲେ । ଏହି ଚରିତ୍ରମାନଙ୍କର ଚିତ୍ର ତାଳପତ୍ର ପୋଥିରେ ଅଙ୍କା ଯାଉଥିଲା । ସୌନ୍ଦର୍ଯ୍ୟକୁ ଆହୁରି ଗଭୀର ଭାବେ ଭାବପ୍ରକାଶ କରିବାକୁ ଚିତ୍ରପୋଥିର ଆବଶ୍ୟକତା ରହିଥିଲା । ଚିତ୍ରପୋଥି ଓଡ଼ିଶାର ସାଂସ୍କୃତିକ ଉପାଦାନ ବୋଲି କୁହାଯାଇପାରେ । ଚିତ୍ରପୋଥି ଦୁଇ ପ୍ରକାରର : (୧) ରେଖା ଚିତ୍ର ଓ (୨) ରଙ୍ଗୀନ ଚିତ୍ର ।

ଓଡ଼ିଆ ସାହିତ୍ୟ ଜଗତରେ ପ୍ରଥମ ଚିତ୍ରପୋଥି ଭାବେ ଗୀତଗୋବିନ୍ଦକୁ ଗ୍ରହଣ କରାଯାଏ । ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦକୁ ଭାରତୀୟ ସାହିତ୍ୟ ଜଗତରେ ସ୍ଥାନ ପ୍ରମୁଖ ଅଟେ । ଗୀତଗୋବିନ୍ଦର ରଚନା କାଳ ଚତୁର୍ଦ୍ଦଶ ଶତାବ୍ଦୀ । 'ଗୀତଗୋବିନ୍ଦ'ର ରଚନା ସମାପ୍ତ ହେବା ପରେ ଜୟଦେବ ଏହାକୁ ଶ୍ରୀଜଗନ୍ନାଥଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରିଥିଲେ । ଗୀତଗୋବିନ୍ଦର ଚିତ୍ରିତ ତାଳପତ୍ର ପୋଥି, ଗୀତଗୋବିନ୍ଦର ଅକ୍ଷରଗୁଡ଼ିକ ଏକ ସଜାରେ ଏକ ମନ୍ଦିରର ଚିତ୍ର ଭାବେ ଏହାକୁ ଅଙ୍କାଯାଇଛି । ଏହି ମନ୍ଦିରଟି ଜଗଦୀଶ ମନ୍ଦିର ଅଟେ ଓ 'ଗୀତଗୋବିନ୍ଦ' ମତ୍ସ୍ୟ ଆକୃତି ଓ ହସ୍ତୀଦାନ୍ତ ଫଳକରେ ଲେଖନ, ମାଳା ଇତ୍ୟାଦି ଅନେକ ଉପକରଣ ମାଧ୍ୟମରେ ଏହାକୁ ବ୍ୟବହୃତ କରାଯାଉଥିଲା । ରାଗ, ତାଳ ସମନ୍ୱିତ ଏହି ଗୀତିକାବ୍ୟ 'ଗୀତଗୋବିନ୍ଦ'କୁ କୋଣ-ଅନୁକୋଣରେ ବୋଲାଯାଏ । 'ଗୀତଗୋବିନ୍ଦ'କୁ ବୈଷ୍ଣବ ଧର୍ମୀୟ ଗ୍ରନ୍ଥ ଭାବେ ଗ୍ରହଣ କରାଯାଇଥାଏ ।

ତାଳପତ୍ର ପୋଥିରେ ଗୀତଗୋବିନ୍ଦ ବିଷୟବସ୍ତୁ ନେଇ ଚିତ୍ର ଅଙ୍କନ ହୋଇଛି । ଏହି ପୋଥିରେ ଅକ୍ଷର ଓ ଚିତ୍ର ସମ୍ବଳିତ ବିଷୟବସ୍ତୁକୁ ଚିତ୍ରପୋଥି କୁହାଗଲା । ଗୀତଗୋବିନ୍ଦରେ ମୁଖ୍ୟ ଚରିତ୍ର ଶ୍ରୀକୃଷ୍ଣ ରାଧାଙ୍କର ପୋଥିରେ ଚିତ୍ର ଅଙ୍କନ ରହିଥିଲା । ରାଜ୍ୟ ସଂଗ୍ରହାଳୟରେ ଗୀତଗୋବିନ୍ଦର ରଙ୍ଗୀନ୍ ପୋଥି ରହିଛି । ଏହା ଅତି ପ୍ରାଚୀନ ବୋଲି ଜଣାଯାଏ । ଏହା ଭୁବନେଶ୍ୱର ସ୍ଥିତ ରାଜ୍ୟ ଅଭିଲେଖଗାରରୁ କିଣାହୋଇ ରାଜ୍ୟ ସଂଗ୍ରହାଳୟଠାରେ ସଂରକ୍ଷିତ ରହିଛି । ଏହି ଗୀତଗୋବିନ୍ଦ ପୋଥିଟି ମଧ୍ୟ ରଙ୍ଗୀନ୍ ଚିତ୍ରପୋଥି ଅଟେ । ଏହା ସତର ପତ୍ର ଯୁକ୍ତ । ପ୍ରଥମ ଚିତ୍ରପୋଥି ରୂପେ ଗୀତଗୋବିନ୍ଦ ପୋଥିକୁ ଗ୍ରହଣ କରାଯାଏ । ସେହିପରି ଚିତ୍ରକାର ଭାବେ ପ୍ରଥମେ ଧନଞ୍ଜୟ ସଂଗ୍ରହାଳୟରେ ଗୀତଗୋବିନ୍ଦର ରଙ୍ଗୀନ୍ ପୋଥି ରହିଛି । ଏହା ଅତି ପ୍ରାଚୀନ ବୋଲି ଜଣାଯାଏ । ଏହା ଭୁବନେଶ୍ୱର ସ୍ଥିତ ରାଜ୍ୟ ଅଭିଲେଖାଗାରରୁ କିଣା ହୋଇ ରାଜ୍ୟ ସଂଗ୍ରହାଳୟଠାରେ ସଂରକ୍ଷିତ ରହିଛି । ଏହି ଗୀତଗୋବିନ୍ଦ ପୋଥିଟି ମଧ୍ୟ ରଙ୍ଗୀନ୍ ଚିତ୍ରପୋଥି ଅଟେ । ଏହା ସତର ପତ୍ରଯୁକ୍ତ । ପ୍ରଥମ ଚିତ୍ରପୋଥି ରୂପେ ଗୀତଗୋବିନ୍ଦ ପୋଥିକୁ ଗ୍ରହଣ କରାଯାଏ । ସେହିପରି ଚିତ୍ରକାର ଭାବେ ପ୍ରଥମେ ଧନଞ୍ଜୟଙ୍କୁ ଗ୍ରହଣ କରାଯାଏ ।

ଗୀତଗୋବିନ୍ଦ ପରେ ଓଡ଼ିଆ ସାହିତ୍ୟରେ 'ରୁକ୍ମିଣୀ ଚଉତିଶା'କୁ ଚିତ୍ରପୋଥି ଭାବେ ଗ୍ରହଣ କରାଯାଏ । ଏହାର ରଚୟିତା ହେଲେ ନନ୍ଦାବାଇ । ସେ ଜଣେ ନାରୀ ରଚନାକାର । ଏହା ମଧ୍ୟ ସର୍ବ ପୁରାତନ ଚିତ୍ରପୋଥି ଅଟେ । ରୁକ୍ମିଣୀ ଚଉତିଶା ଏହା ରାଜ୍ୟ ସଂଗ୍ରହାଳୟ ଦ୍ୱାରା ସଂଗୃହିତ । ଚିତ୍ରପୋଥିର ଚରିତ୍ର ରଙ୍ଗ, ବେରଙ୍ଗ, ଚିତ୍ରକାର ଇତ୍ୟାଦି ବର୍ଣ୍ଣନା କରିବା ପୂର୍ବରୁ ଚିତ୍ରପୋଥିର ପ୍ରାଥମିକ ଗୁରୁତ୍ୱପୂର୍ଣ୍ଣ ବିବରଣୀ ପ୍ରକାଶ କରିବା ସମ୍ପୂର୍ଣ୍ଣ ପ୍ରଯୁଜ୍ୟ ଅଟେ । ରୁକ୍ମିଣୀ ଚଉତିଶାର ପତ୍ରସଂଖ୍ୟା ଛବିଶି । ଏହି

ଚିତ୍ରପୋଥିରେ କେବଳ ପଂକ୍ତି ଲେଖାଯାଇନାହିଁ । କେତେକ ପତ୍ରରେ ଉଭୟ ପାର୍ଶ୍ୱରେ ଚିତ୍ର ରହିଛି । ଚିତ୍ରପୋଥିଟିର ପ୍ରସ୍ତୁତି ସମୟ ପ୍ରାଚୀନ ଅଟେ । ପୋଥିବିତ୍‌ଙ୍କ ମତରେ ଏହି ଚିତ୍ରପୋଥିଟି ତିନିଶହ ବର୍ଷ ପୁରୁଣା । ଏହି ଚିତ୍ରପୋଥିଟି ଅଠଷଠି ପଦ ବିଶିଷ୍ଟ । ଏହା ଚଉତିଶା ରୀତିରେ (କ ଠାରୁ କ୍ଷ) ରଚିତ । ଲିପି ଦୃଷ୍ଟିରୁ ଏହାର ସମୟ ସପ୍ତଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ ବୋଲି ନିର୍ଣ୍ଣୟ କରାଯାଇପାରେ । ରୁକ୍ମିଣୀ ଚଉତିଶାର ବିଷୟବସ୍ତୁକୁ ଆଲୋଚନା କଲେ ଏଠାରେ ପଦ ଆରମ୍ଭରୁ କରପତ୍ର ଯୋଡ଼ି ପରୀକ୍ଷ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କର ବିଭାଘର ବର୍ଣ୍ଣନା ମୁନି ବ୍ରହ୍ମଗିରିଙ୍କୁ ଶୁଣାଉଛନ୍ତି । ପଦ ଆରମ୍ଭରୁ ଶ୍ରୀଜଗନ୍ନାଥଙ୍କୁ ଓ ବିଘ୍ନରାଜଙ୍କୁ ପ୍ରଣାମ କରି ବିଷୟବସ୍ତୁ ଅୟମାରମ୍ଭ କରିଛନ୍ତି । ଋତୁ ବର୍ଣ୍ଣନା କଥା ଓ ବାରମାସ କଥା କହିଛନ୍ତି । ରୁକ୍ମିଣୀଙ୍କର ସ୍ୱୟଂବର କଥା ବର୍ଣ୍ଣନା ରହିଛି । ପୋଥିରେ ବିଘ୍ନରାଜଙ୍କର ଚିତ୍ର ଖୋଦିତ ହୋଇଛି । ପୋଥିରେ ବିଘ୍ନରାଜ ଚତୁଃହସ୍ତରେ ସମସ୍ତ ଅସ୍ତ୍ର ଧାରଣ କରିଛନ୍ତି । ଶୁକଦେବ ପରୀକ୍ଷଙ୍କର ଚିତ୍ର ଅଙ୍କନ କରାଯାଇଛି ଓ ରୁକ୍ମିଣୀଙ୍କର ଚିତ୍ର ଅଙ୍କନ ମଧ୍ୟ ହୋଇଛି । ରୁକ୍ମିଣୀଙ୍କର ସଖୀ ମୁଦୁସୁଲି ଚାରିପାରୁଶରେ ବେଢ଼ି ରହିଛନ୍ତି ସେବା କରୁଥିବା ଚିତ୍ର ଅଙ୍କନ କରାଯାଇଛି । ପୁରୁଷମାନଙ୍କର ଚିତ୍ର ଅଙ୍କନ କରାଯାଇଛି । ଅଳଂକାର ଭୂଷଣ ହୋଇଥିବାର ଦେଖାଯାଏ । ଏହା ବ୍ୟତୀତ ପ୍ରସାଦର ଚିତ୍ରାଙ୍କନ କରାଯାଇଛି । ମନ୍ଦିର ଓ ରଥର ଚିତ୍ର ଅଙ୍କନ ରହିଛି । ପଶୁ ମଧ୍ୟରେ ଗଜ ଓ ଘୋଡ଼ାର ଚିତ୍ର ଦେଖିବାକୁ ମିଳେ । ପୋଥିର ଚିତ୍ରକାର ଥିଲେ ରଘୁନାଥ ପୃଷ୍ଟି ।

ଓଡ଼ିଆ ସାହିତ୍ୟରେ ତୃତୀୟ ସର୍ବପ୍ରାଚୀନ ଚିତ୍ରପୋଥି ଭାବେ 'ଉଷାଭିଳାଷ' । ଏହା ଏକ ପୌରାଣିକ କିମ୍ବଦନ୍ତୀମୂଳକ କାବ୍ୟ ଅଟେ । ଏହି କାବ୍ୟଟି କୃଷ୍ଣଲୀଳାର ଅଂଶବିଶେଷ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ସୁରକ୍ଷିତ ଉଷାଭିଳାଷ ପୋଥି ସଂଖ୍ୟା ଚଉଦ । ସେଗୁଡ଼ିକ ମଧ୍ୟରୁ ପାଞ୍ଚଗୋଟି ପୋଥି ଚିତ୍ର ସମ୍ବଳିତ ରୈଖିକ ଓ ରଙ୍ଗୀନ ଏବଂ ଅନ୍ୟଗୁଡ଼ିକ କେବଳ ବିଷୟଭିତ୍ତିକ ଅଟେ । ଉଷାଭିଳାଷ କାବ୍ୟର ରଚନା ସମୟ ସପ୍ତଦଶ ଶତାବ୍ଦୀରେ । ଏହା ଏକ ପୌରାଣିକ କାବ୍ୟହେଲେ ମଧ୍ୟ କାଳ୍ପନିକ ସ୍ପର୍ଶ ଅନେକ ରହିଛି । ଏଥିରେ ମୁଖ୍ୟ ଚରିତ୍ର ନାୟିକା 'ଉଷା' ନାୟିକା ନାମାନୁସାରେ କାବ୍ୟର ନାମ ରହିଛି 'ଉଷାଭିଳାଷ' । ଶୋଣିତପୁରର ରାଜା ବାଣାସୁର । ବାଣାସୁରଙ୍କର ଏକମାତ୍ର କନ୍ୟା ଥିଲେ 'ଉଷା' । ବାଣାସୁର ଥିଲେ ଯୋଦ୍ଧା । ସେ ତ୍ରିପୁରାବିଜୟୀ ହେବେ ବୋଲି ସେ ମହାଦେବଙ୍କ ପାଖରେ ତପସ୍ୟା କରିଥିଲେ । ନିଜ ଭଳି ଏକ ବଳିଷ୍ଠ ଯୋଦ୍ଧା ଆବଶ୍ୟକ କରୁଥିଲେ ଯାହାଙ୍କ ସହ ସେ ଯୁଦ୍ଧ କରିପାରିବେ । ସେହି ସମୟକୁ ଅପେକ୍ଷା କରିଛନ୍ତି ବାଣାସୁର ମହାଦେବ ମଧ୍ୟ ବାଣାସୁରର ଗର୍ବ ଭାଙ୍ଗିବା ପାଇଁ ଉଚିତ ଶିକ୍ଷା ଦେଇଛନ୍ତି । ବାଣାସୁରଙ୍କ ରଥରୁ ପତାକା ଭୂପତିତ ହେବ ସେହି ଦିନ ସେ ଯୋଦ୍ଧା ପାଇବେ । ଏହିଭଳି ବିଷୟବସ୍ତୁ ରହିଛି 'ଉଷାଭିଳାଷ' କାବ୍ୟକୁ ନେଇ ଚିତ୍ରପୋଥି ହୋଇଛି । କାବ୍ୟର ଚରିତ୍ର ଓ ପରିବେଶ ବର୍ଣ୍ଣନା, ରଥମାନଙ୍କର ଚିତ୍ର, ବୃକ୍ଷର ଚିତ୍ର, ପଶୁମାନଙ୍କର ଚିତ୍ର ଇତ୍ୟାଦି ଚିତ୍ରପୋଥି ଅଙ୍କନ କରାଯାଇଥାଏ । ଓଡ଼ିଶାର ଉଷାଭିଳାଷର ଚିତ୍ରପୋଥିଗୁଡ଼ିକ ମଧ୍ୟରୁ ଖଣ୍ଡପଡ଼ାର ରଙ୍ଗୀନ ଚିତ୍ରପୋଥି ପ୍ରାଚୀନ ଏବଂ ଏହାର ଅଙ୍କନଶୈଳୀ ରଙ୍ଗ ବିନ୍ୟାସ ବେଶ୍ ଆକର୍ଷଣ ପାଠକଙ୍କୁ କରେ । ଏହି ଚିତ୍ରପୋଥିରେ ବାଣାସୁରଙ୍କର ଚିତ୍ରରେ ହାତ ଦଶଟି ଥିବାର ଦେଖିବାକୁ ମିଳେ । କାରଣ ବାଣାସୁର ଏଠାରେ ଯୋଦ୍ଧା । ଉଷା କେଶବତୀ କନ୍ୟାପରି ସଜବାଜ ଅଳଙ୍କାର ଆଭୂଷିତା ହୋଇ ଅଙ୍କିଯାଇଛି । ଉଷାଭିଳାଷ କାବ୍ୟରେ ଓଡିଶୀ ଚିତ୍ରକଳାର ସ୍ପର୍ଶ ଜଣାଯାଏ । ରେଖାଚିତ୍ରଗୁଡ଼ିକରେ ପ୍ରଲେପ ଦିଆଯାଇଥାଏ । ଏହା ରଙ୍ଗୀନ ଚିତ୍ରପୋଥି ଭାବେ ପ୍ରସ୍ତୁତ କରାଯାଇଥିଲା । ଉଷାଙ୍କର ଚିତ୍ର ଦେଖିଲେ ଜଣାଯାଏ ଚିତ୍ରକାରଙ୍କର ଅସ୍ଥିଜ୍ଞାନ (anatomy) ପ୍ରଚୁର ଭାବେ ରହିଥିଲା । ଉଷାଙ୍କର ମୁହଁର ତୀକ୍ଷ୍ଣ ନାକ, ବିମ୍ବ ଓଷ୍ଠୀ, ଅଳଙ୍କାର ବିଭୂଷିତ କାନ, କୁମ୍ଭ କଣ୍ଠ, ସିଂହ କଟୀ ଓ ପାଟ ବସ୍ତ୍ର, ସର୍ବାଙ୍ଗ ଶରୀର ଅଳଙ୍କାର ବିଭୂଷଣ ହୋଇ ଓଡ଼ିଶୀ ଚିତ୍ରକଳାର ପରିପ୍ରକାଶ କରାଯାଇଛି ।

'କୁମୁଦକାନ୍ତ ଚଉତିଶା' ଏହି ଚଉତିଶାଟି ନାରାୟଣ ଦାଶଙ୍କର ଦ୍ୱାରା ରଚିତ ଓ ଏହାପରେ ଆର୍ତ୍ତତ୍ରାଣ ଚଉତିଶା ଦୀନକୃଷ୍ଣ ଦାସ 'ଜଣାଣ ଚଉତିଶା'ର ରଚୟିତା ନରେନ୍ଦ୍ରାନୁଜ । ଏ ସମସ୍ତ ଚଉତିଶାଗୁଡ଼ିକ ପ୍ରାୟ ଏକା ସମୟରେ କରାଯାଇଛି । ଏହାର ସମୟ ହେଉଛି ଉନବିଂଶ ଶତାବ୍ଦୀ । 'କୁମୁଦକାନ୍ତ ଚଉତିଶା' ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ସରଂକ୍ଷିତ ହୋଇରହିଛି । କୁମୁଦକାନ୍ତ ଚଉତିଶାଟି ଏକୋଇଶି ପତ୍ର ବିଶିଷ୍ଟ ।

ଏହା ମଧ୍ୟ ଏକ ଚିତ୍ରପୋଥି । କିନ୍ତୁ ଏଥିରେ ହୋଇଥିବା ଚିତ୍ରର ଚିତ୍ରକାରଙ୍କ ନାମ ଗୋପନ ରହିଛି । ଏହି ଚଉତିଶାଟି ରାଗ କୋଶିକ ଦ୍ୱାରା ରଚିତ । ଏହି ଚଉତିଶାର ବିଷୟବସ୍ତୁ ଚିତ୍ରଗୁଡିକ ଦେଖିଲେ ଜଣାଯାଏ ଏହା ଶ୍ରୀରାଧା ଓ ଶ୍ରୀକୃଷ୍ଣ ହେଉଛନ୍ତି ମୁଖ୍ୟ ଚରିତ୍ର । ଏହି ଚିତ୍ରପୋଥିର ଆରମ୍ଭରେ ବିଘ୍ନରାଜ ଗଣେଶଙ୍କ ଚିତ୍ର ଅଙ୍କାଯାଇଛି । ମୟୂର, କୁକ୍କୁଟ ଓ ପଶୁମାନଙ୍କ ମଧ୍ୟରେ ହରିଣ, ବ୍ୟାଘ୍ର, ଶୁକର, ଷଣ୍ଢ, ହସ୍ତୀ, ମର୍କଟ ଇତ୍ୟାଦିଙ୍କର ଚିତ୍ର ଅଙ୍କାଯାଇଛି । କୁମୁଦକାନ୍ତ ଚଉତିଶା ଏକ ରଙ୍ଗୀନ ଚିତ୍ରପୋଥି ଅଟେ ।

ଏହାପରେ ଆମେ ଅନ୍ୟ ଏକ ଚଉତିଶା ଆଲୋଚନା କରାଯାଇପାରେ ତାହା ହେଉଛି 'ଆର୍ତ୍ତତ୍ରାଣ ଚଉତିଶା'ର ରଚୟିତା ହେଉଛି ଦୀନକୃଷ୍ଣ ଦାସ । ଏହା ମଧ୍ୟ ଏକ ଚିତ୍ରପୋଥି ଲେହାର ରଚନା ସମୟ ସପ୍ତଦଶ / ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ । ଏହା ସର୍ବାଧିକ ଲୋକପ୍ରିୟ । ଏହାର ପ୍ରଥମ ମୁଦ୍ରଣ ୧୮୬୯ ମସିହା । ଦୀନକୃଷ୍ଣ ଦାସ ହେଲେ ଜଣେ ବୈଷ୍ଣବ କବି । ଦୀନକୃଷ୍ଣ ଦାସ ରସକଲ୍ଲୋଳର ରଚୟିତା । ଆର୍ତ୍ତତ୍ରାଣ ଚଉତିଶା ରାଗ କାମୋଦୀରେ ରଚିତ । ଦୀନକୃଷ୍ଣ ଦାସଙ୍କର ଆର୍ତ୍ତତ୍ରାଣ ଚଉତିଶା ଏବଂ ନରେନ୍ଦ୍ରାନୁଜଙ୍କ ଜଣାଣ ଚଉତିଶା ଉଭୟଭାବ, ଶବ୍ଦ ପ୍ରୟୋଗ ଓ ସଂରଚନା ଦୃଷ୍ଟିରୁ ଗୋଟିଏ ପ୍ରକାରର ଅଟେ । ଏହା ଏକ ଚିତ୍ରପୋଥି ସମଗ୍ର ଚଉତିଶାରେ କୃପାଳଧି ଶ୍ରୀଜଗନ୍ନାଥଙ୍କ ନିକଟରେ ଜଣେ ଭକ୍ତର କରୁଣ ପ୍ରାର୍ଥନା ଏଠାରେ ବିଷୟବସ୍ତୁ ହେଉଛି ଆର୍ତ୍ତତ୍ରାଣ ଚଉତିଶାର ମୁଖ୍ୟ ବିଷୟ । ଚିତ୍ରପୋଥିକୁ ଦେଖିବା ସହିତ ଏହା ପଦଗାନ କରିବା ଦ୍ୱାରା ଚଉତିଶାଟି ପାଠ କରିବା ସାର୍ଥକ ହୋଇଥାଏ । ଏଥିରେ ପୋଥିର ଚିତ୍ରକାରଙ୍କ ନାମ ଗୋପନ ରଖାଯାଇଛି କିନ୍ତୁ ଠିକଣା ବିବରଣୀ ପ୍ରଦାନ କରାଯାଇଛି । ଚିତ୍ରକାରଙ୍କ ଗୃହ ଗଞ୍ଜାମ ବାଲିପଦର ଅଟେ । ଏହି ପୋଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦୁଇଜଣ ପ୍ରାର୍ଥନା କରୁଥିବାର ଚିତ୍ର ଅଙ୍କାଯାଇଛି । ଏଠାରେ ଭକ୍ତ ଜଣକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥିବାର ଚିତ୍ର ରହିଛି । ଏହି ଚଉତିଶାରେ ଭକ୍ତ ଓ ଭଗବାନଙ୍କୁ ନେଇ ବିଷୟଟି ସମ୍ପୂର୍ଣ୍ଣ ରଚନା ରଚିତ । ବିଷୟ, ଆକାର, ଚରିତ୍ର ବିବରଣୀ ଆଲୋଚନା ପରେ ପୋଥିରେ ଚିତ୍ର ଆଡ଼କୁ ଦୃଷ୍ଟି ଦିଆଯାଇପାରେ । ଏହି ଚିତ୍ରପୋଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଳଭଦ୍ର, ସୁଭଦ୍ରା ଓ ଭକ୍ତ, ହାତୀ, ମୃଗୁଣୀ, ବ୍ୟାଧ (ଚତୁଃହସ୍ତ ଧାରୀ), ଶ୍ରୀଜଗନ୍ନାଥ, ସର୍ପ ଶୟନ, ବିଷ୍ଣୁ, ଲକ୍ଷ୍ମୀଙ୍କର ପଦ ସେବାର ଚିତ୍ର, ମୟୂର, ବୃକ୍ଷ, ବ୍ରହ୍ମା, ଷଣ୍ଢ, ରାମଚନ୍ଦ୍ର ଓ ରାବଣ ଇତ୍ୟାଦି ଏହା ବ୍ୟତୀତ ସୂକ୍ଷ୍ମ ଚିତ୍ରଗୁଡ଼ିକ ମଧ୍ୟ ଅଙ୍କିତ ହୋଇଛି । ଲତାକୁଞ୍ଜ, ଶ୍ରୀଜଗନ୍ନାଥଙ୍କ ହସ୍ତରେ ଧାରଣ ପଦ୍ମଫୁଲ,ଚକ୍ର, ଖଡ଼ଗ, ଶଙ୍ଖ, ବସ୍ତ୍ର, ଅଳଙ୍କାର, କେଶବିନ୍ୟାସ ପାଦରେ ପୟର, ହାତରେ ଅଳଙ୍କାର, ଧନୁତୀର ଧାରଣ, ଚିତ୍ର, ମୁକୁଟ, ମସ୍ତକ, ଗଳାରେ ମାଳା, ଲମ୍ବା ନିଶ ଓ ଦାଢ଼ି, ଲମ୍ବା କେଶ, କୌପିନ ବସ୍ତ୍ର, ଖୋଲାକେଶ, ଜୁଡ଼ା କେଶ, ଲମ୍ବା ଭ୍ରୂଲତା, ମୀନ, ମନ୍ଦିର ମଣ୍ଡପର ସୂକ୍ଷ୍ମ ଚିତ୍ରାବଳୀ, ବାହୁରେ ପିତାମ୍ବର ଉତ୍ତରୀୟ ଇତ୍ୟାଦି ତାଳପତ୍ର ଖୋଦନ କରାଯାଇଛି ।

'ଜଣାଣ ଚଉତିଶା' ମଧ୍ୟ ରାଗକାମୋଦୀ ଓ ଛଳପ୍ରାନ୍ତ ଯମକ ଅଳଙ୍କାରରେ ରଚିତ । ପ୍ରାଚୀନ କାଳରେ ମହାପ୍ରଭୁଙ୍କ ପାଖରେ ଜଣାଣ ପଢ଼ାଯାଉଥିଲା । ଏହି ଚଉତିଶାଟି ଜଣାଣ ଚଉତିଶା କାଳୀଚରଣ ପଟ୍ଟନାୟକଙ୍କ ଦ୍ୱାରା କଟକ ଅଞ୍ଚଳ ଜଗନ୍ନାଥବଲ୍ଲଭ ସଂଗୃହୀତ । ଏହି ଦୁଇଟିର ପ୍ରାପ୍ତି ସ୍ଥାନ ମଧ୍ୟ ପୁରୀ ଜିଲ୍ଲା ଅଟେ । ଜଣାଣ ଚଉତିଶା ରେ ଅନୁସ୍ୱାରର ବ୍ୟବହାର ରହିଛି ।

'ଭାଗବତ' ଜଗନ୍ନାଥ ଦାସଙ୍କ ଦ୍ୱାରା ସ୍ୱରଚିତ । ଜଗନ୍ନାଥ ଦାସଙ୍କ ସହ ଶ୍ରୀଚୈତନ୍ୟ ପରବର୍ତ୍ତୀ କାଳରେ ଗୌଡୀୟ ପରମ୍ପରା ମାଧ୍ୟମରେ ଭାଗବତର ଚିତ୍ରଗୁଡ଼ିକୁ ବେଶ ପ୍ରଭାବିତ କରିଥିଲା । ଭାଗବତ ନବାକ୍ଷରୀ ବୃତ୍ତରେ ରଚିତ । ଭାଗବତ ବାର ସ୍କନ୍ଦ । ଅଷ୍ଟାଦଶ ଶତାବ୍ଦୀର ବଳଦେବ ବିଦ୍ୟାଭୂଷଣ ସହିତ ସଂସ୍କୃତ ଭାଗବତର ଚିତ୍ରଭାଷ୍ୟକାର ଏବଂ ଓଡ଼ିଆ ଭାଗବତର ଚିତ୍ର ଭାଷାକାର କେଶବ ମହାରଣା ପର୍ଯ୍ୟନ୍ତ ଯେତେ ଭାଷ୍ୟ ରହିଛି ସେଗୁଡ଼ିକ ଉଭୟ କାବ୍ୟଧାରା ଓ ଚିତ୍ରଧାରା ଗୁଣାତ୍ମକ, ତାତ୍ତ୍ୱିକ ବର୍ଣ୍ଣନା ପାଇଁ ମଧ୍ୟ ଉଦ୍ଦିଷ୍ଟ ।

ଏତଦ୍‌ବ୍ୟତୀତ 'ସଚିତ୍ର ଭାଗବତ' ସଂଗୃହୀତ ହୋଇରହିଛି । ଏହି 'ସଚିତ୍ର ଭାଗବତ'ର ସମୁଦାୟ ପତ୍ରସଂଖ୍ୟା ଏକଚାଳିଶି । ଭାଗବତର ଦଶମ ସ୍କନ୍ଦରେ ରହିଛି ଚିତ୍ର । ଦଶଟି ପତ୍ରଯୁକ୍ତ ଏହା ବହୁ ପ୍ରାଚୀନ ପୋଥି ଅଟେ । ଉଷାହରଣକୁ ନେଇ ଚିତ୍ରାବଳୀ ହୋଇଛି ଏହି ଅନାଚାଶ ପତ୍ରଯୁକ୍ତ ଓ ଚୌଷଠି ରତିବନ୍ଧ

ନାମକ ଏକ ପୋଥି । ଏହା ମହର୍ଷି ବାତ୍ସାୟନଙ୍କ କାମଶାସ୍ତ୍ର ନେଇ ଚିତ୍ର ଅଙ୍କାଯାଇଛି । ଏହା ରଙ୍ଗୀନ ପୋଥି ବତିଶି ପତ୍ରଯୁକ୍ତ । ଏହାର ସମୟ ଊନବିଂଶ ଶତାବ୍ଦୀ ଏହାର ରଚୟିତା ଗୋପାଳ ଭଞ୍ଜ ଏହା କି ଚୈତନ୍ୟ ଛୋଟରାୟ ତାପଙ୍ଗ ପୁରୀ ସଂଗ୍ରହ କରାଯାଇଛି । ଏହା ଅଠତିରିଶ ପତ୍ରଯୁକ୍ତ ପୋଥି । 'ରସିକ ହାରାବଳୀ' ଏକ ବିଞ୍ଝଣା ଦ୍ୱାରା ପୋଥି ପ୍ରସ୍ତୁତ ହୋଇଛି । ଏହାଛଡ଼ା ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜଙ୍କର 'ଚିତ୍ରକାବ୍ୟ ବନ୍ଧୋଦ୍ୱୟ' ମଧ୍ୟ ବହୁ ଚିତ୍ରପୋଥି ରହିଛି ।

କେତେକ ପୋଥିବିତ୍‌ଙ୍କ ମତରେ ଦ୍ୱିତୀୟ ପୁରାତନ ଚିତ୍ରପୋଥି ହେଉଛି 'ରୁକ୍ମିଣୀ ବିଭା' । ପ୍ରାଥମିକ ସ୍ତରରେ କବିମାନେ ପୁରାଣାଶ୍ରିତ କଥାବସ୍ତୁକୁ ଆଧାର କରି ଚଉତିଶାମାନ ଲେଖିଛନ୍ତି । ଚିତ୍ରପୋଥି ବ୍ୟବହାର ବହୁ ପୁରାତନ କାଳରୁ ଥିଲା । ତିନିଶହ ପଚାଶବର୍ଷ ତଳର ଚିତ୍ର ମଧ୍ୟ ତାଳପତ୍ର ପୋଥିରେ ରହିଛି ଲେହ ପ୍ରାକୃତିକ ରଙ୍ଗ ଦ୍ୱାରା ରଙ୍ଗାୟିତ ହୋଇରହିଛି । ଓଡ଼ିଶାରେ ଗଞ୍ଜାମ ଜିଲ୍ଲାରେ ମଥୁରା ଗ୍ରାମରେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟନ୍ତ ପୋଥି ପଟ୍ଟକାର୍ଯ୍ୟ ହେଉଛି । ଓଡ଼ିଶାର ତାଳପତ୍ର ପୋଥିର ଚିତ୍ରକାର ସର୍ବୋତ୍ତମ ଚିତ୍ରକାରଙ୍କ ମଧ୍ୟରୁ ରଘୁନାଥ ପୃଷ୍ଟି ହେଉଛନ୍ତି ଅନ୍ୟତମ । ରାଗ ଚିତ୍ରରେ ଚିତ୍ର ଅଙ୍କନ କରିଥିଲେ ରଘୁନାଥ ପୃଷ୍ଟି । ଶିଳ୍ପୀ ରଘୁନାଥ ପୃଷ୍ଟିଙ୍କର ସମୟ ହେଉଛି ଊନବିଂଶ ଶତାବ୍ଦୀ ତାଙ୍କୁ ଏକ ବିଶିଷ୍ଟ ପୋଥି ଚିତ୍ରକାର ଭାବେ ଗ୍ରହଣ କରାଯାଏ । ବହୁ ତାଳପତ୍ରରେ ପ୍ରସ୍ତୁତ ପୋଥିଚିତ୍ରଗୁଡ଼ିକରେ ରାଧାକୃଷ୍ଣଙ୍କର ଚିତ୍ର ରାମ ଅଭିଷେକ ଜଗନ୍ନାଥଙ୍କର ଚିତ୍ର ଏବଂ କୋଣାର୍କ ମନ୍ଦିରର ଚିତ୍ର ରଥର ଚିତ୍ର ଇତ୍ୟାଦି ଅଙ୍କନ ହୋଇଥିବା ଚିତ୍ରପୋଥି ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇ ରହିଛି ।

**ଫଟୋଚିତ୍ର :**





**(ଉଷା ଅଭିଳାଷ କାବ୍ୟର କିଛି ପୋଥିଚିତ୍ର)**

**ସହାୟକ ଗ୍ରନ୍ଥସୂଚୀ :**


୧. ସାହୁ, ରବୀନ୍ଦ୍ର, "ଭାରତୀୟ ଚିତ୍ରକାଳାରେ ଓଡ଼ିଶୀ ଚିତ୍ର', ପ୍ରଥମ ପ୍ରକାଶ - ୨୦୦୭

୨. କାନୁନଗୋ, ଗୋପାଳ, "ଉତ୍କଳୀୟ ଚିତ୍ରକଳା', ପ୍ରଥମ ପ୍ରକାଶ -୧୯୬୪

୩. " ଉଷା ଅଭିଳାଷ " ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପ୍ରକାଶ ବର୍ଷ – ୨୦୧୦

4. Das, J. P., 'Chitrapothi' - 1st Edition - 1985.

5. Patel, C. B., 'Descriptive Catalogue of Illustrated Manuscript' - A Platinum Jubilee.



ଅତିଥି ଅଧ୍ୟାପିକା
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର